# Akashvani, Sambalpur

## SAMBALPURI NEWS BULLETIN

### 26 October 2025 – 6.47- 6.52 am.

*****************************************************

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ ହେବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ରାଜ୍ୟ କେବିନେଟ୍ ବୈଠକ          I&PR

ରାଜ୍ୟ ସର୍କାର୍ ଆଏବା ୩ ବଛର୍ ଭିତ୍ରେ ନୂଆଁ କୃଷି ବିବିଧତା କାର୍ଯ୍ୟକ୍ରମ୍ ଜରିଏ ଚାଷ୍ ଜମି ମାନ୍କେ ଫସଲ୍ ବଦ୍ଲାବାର୍ ଆଉ ଧାନ୍ ଚାଷ୍ ପରର୍ ପଡ଼ିଆ ଜମିକେ ପରିଚାଳନା କର୍ବାର୍ ଲାଗି ୧୫ ଶହ କୋଟି ନୁ ଅଏତ୍କା ଟଙ୍କା ଖର୍ଚ୍ଚା କର୍ବେ । କୃଷି ବିଭାଗ୍ର ଇ ପ୍ରସ୍ତାବ୍କେ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ୨୯ ନମ୍ବର୍ ରାଜ୍ୟ କେବିନେଟ୍ ବୈଠକ୍ଥି ମଞ୍ଜୁର୍ କରାଯାଇଛେ । ଇତାର୍ସହେତେ ୫ ଟଙ୍କାଥି ଦିଆଯାଉଥିବା ଆହାର ଖାଦ୍ୟର୍ ବଢୁଥିବା ଖର୍ଚ୍ଚାକେ ନଜର୍ଥି ରଖିକରି ଆଏବା ୫ ବଛର୍ ଲାଗି ଅଏତ୍କା ୫ ଶହ ୧୨ କୋଟି ଟଙ୍କାର୍ ବ୍ୟୟ ବରାଦ୍କେ ଭିଲ୍ କେବିନେଟ୍ ମଞ୍ଜୁରୀ ମିଳିଛେ ବଲି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ସୂଚ୍ନା ଦେଇଛନ୍ ।

(ଭଏସ୍ ଓଭର୍- ମନୋଜ ଆହୁଜା)

ମୁଖ୍ୟମନ୍ତ୍ରୀ-ପ୍ରକଳ୍ପ ମଞ୍ଜୁରୀ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱାଧୀନ୍ ରାଜ୍ୟ ସର୍କାର୍ଙ୍କର୍ ୫ ଶହ ଦିନ୍ ପୁରା କର୍ବାର୍ ଅବ୍ସରେ ଗଲାକାଏଲ୍ ସର୍କାର୍ ୧ କୋଟି ୪୬ ଲାଖ୍ ଟଙ୍କାର୍ ୩୩ ଟା ଶିଳ୍ପ ପ୍ରକଳ୍ପକେ ମଞ୍ଜୁର୍ କରିଛନ୍ । ଇତାର୍ ଜରିଏ ୬୬ ଲାଖ୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି କରାଯିବା ।

ଇ ପ୍ରକଳ୍ପମାନେ ସମ୍ବଲ୍‌ପୁର୍, ବଲାଙ୍ଗିର୍, ଝାର୍‌ସୁଗୁଡ଼ା ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲା ନ ଥାପ୍‌ନା ହେବା ।

ସେନ୍ତା ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି୍ ଗଲାକାଏଲ୍ ହେଇଥି୍‌ବା ରାଜ୍ୟ ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ -ଏଚ୍‌ଏଲ୍‌ସିଏ ବୈଠକ୍‌ଥି୍ ୧ କୋଟି ୪୧ ଲାଖ୍ କୋଟି ଟଙ୍କାର୍ ୧୨ ଟା ବଡ଼ ଶିଳ୍ପ ପ୍ରସ୍ତାବ୍‌କେ  ଭିଲ୍ ଅନୁମୋଦନ୍ କରାଯାଇଛେ । ଇତାର୍ ଜରିଏ ପାଖାପାଖି୍ ୫୦ ହଜାର୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି କରାଯିବା ।

ଏକକ ବାତାୟନ କମିଟି ବୈଠକ I&PR

ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି୍ ହେଇଥି୍‌ବା ଶହେ ୪୧ ନମ୍ବର୍ ଏକକ ବାତାୟନ କମିଟି ବୈଠକ୍‌ଥି୍ ପାଖାପାଖି୍ ୪ ହଜାର୍ ୨୦ କୋଟି ଟଙ୍କାର୍ ୨୧ ଟା ପୁଞ୍ଜିନିବେଶ୍ ପ୍ରସ୍ତାବ୍‌କେ ମଞ୍ଜୁର୍ କରାଯାଇଛେ । ଇଥି୍ ୧୭ ହଜାର୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ।

ବାତ୍ୟା- ତୟାରି ଆର୍‌ଏନ୍‌ୟୁ/ ସମ୍ବଲପୁର

ବାତ୍ୟା ମୁହାଁକେ ନେଇକରି ରାଜ୍ୟ ସର୍‌କାର୍‌ଙ୍କର୍ ତରଫୁ ଜୋର୍‌ଦାର୍ ତୟାରି ଚାଲିଛେ । ବାତ୍ୟାର୍ କେନ୍‌ସିଭିଲ୍ ପ୍ରଭାବ୍‌କେ

ନେଇକରି ରାଜ୍ୟ ସର୍‌କାର୍ ତୟାର୍ ଅଛନ୍ ଲୁକେ ନାଇଁ ଡରୁନ୍ ବଲି ଗଲାକାଏଲ୍ ସମୀକ୍ଷା ବୈଠକ୍ ଉତ୍‌ରୁ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ପରାମର୍ଶ ଦେଇଛନ୍ । ସେଆଡ଼େ ଗୃହ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍‌ଫୁ ଜରୁରୀ କାମ୍‌ଥି ଥିବା ସବୁ ଅଧିକାରୀଙ୍କର୍ ଛୁଟି ବାତିଲ୍ କରାଯାଇଛେ ।

ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଭିଲ୍ ପ୍ରଭାବିତ୍ ହେବାର୍‌କେ ଥିବା ଜିଲ୍ଲାମାନ୍‌କର୍ ବିଦ୍ୟାଳୟମାନ୍‌କୁ ଆଶ୍ରୟସ୍ଥଳୀ ଭାବେ ବେଭାର୍ କର୍‌ବାର୍‌କେ କୁହାଯାଇଛେ । ଶିକ୍ଷକ୍‌ମାନ୍‌କୁ ରୋଷ୍ଟର୍ ଡ୍ୟୁଟି ଦାୟିତ୍ୱ ଦିଆଯାଇଛେ । ଦର୍‌କାର୍ ପଡ଼୍‌ଲେ ମଧ୍ୟାହ୍ନ ଭୋଜନ୍ ଚାଉଲ୍‌କେ ବାତ୍ୟା ପ୍ରଭାବିତ୍ ଲୁକ୍‌କର୍ ଲାଗି ବେଭାର୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ଭିଲ୍ ତାଲିମ୍ ନଉଥିବା ୯ ଝନ୍ ପ୍ରଶାସନିକ୍ ସେବା ଅଧିକାରୀଙ୍କୁ ବିଡ଼ିଓ ଦାୟିତ୍ୱ ଦିଆଯାଇଛେ ।

ପିଏମ୍ ଆବାସ-ହାଇକୋର୍ଟ ରାୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାଥି କାହାକେ ଘର୍ ଦିଆଯିବା ଆଉ କାହାକେ ନାଇଁ ଦିଆଯାଏ ସେ ନିଷ୍ପତି ନେବାର୍ କ୍ଷମତା ଗ୍ରାମସଭାର୍ ରହିଛେ ବଲି ଓଡ଼ିଶା ଉଚ୍ଚନ୍ୟାୟାଳୟ ଗଲାକାଏଲ୍ ରାୟ ଦେଇଛନ୍ । ଇ ବାବଦ୍ ଗୁଟେ ମାମ୍‌ଲାର୍ ଶୁଣାଣି କରିକରି ହାଇକୋର୍ଟ ବିଚାର୍‌ପତି

ଜଷ୍ଟିସ୍ ଶଶୀକାନ୍ତ ମିଶ୍ର କହିଛନ୍, ଗ୍ରାମସଭା ଜରିଏ ଯେନ୍ ହିତାଧିକାରୀମାନକୁ ଦିଆଯିବା ସେ ନିଷ୍ପତି ଚୂଡ଼ାନ୍ତ ହେବା । ଇଥି ଅଲ୍‌ଗା କାହାରିର୍ ହସ୍ତକ୍ଷେପ୍ ଗ୍ରହଣ୍ କରା ନାଇଁ ଯାଏ । ଏନ୍ତାକି ଚୂଡ଼ାନ୍ତ ତାଲିକାର୍ ଭିଲ୍ ଆଉ ତଦନ୍ତ କରାଯାଇନାଇଁପାରେ ବଲି ଜଷ୍ଟିସ୍ ମିଶ୍ର ରାୟଥି କହିଛନ୍ ।

ଛଟ୍ ପୂଜା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିହାରୀ ସମ୍ପ୍ରଦାୟର୍ ଲୁକ୍‌କର୍ ପବିତ୍ର ଛଟ୍‌ପୂଜା । ସାରା ଦେଶେ ଆଏଜ୍ ଛଟ୍‌ପୂଜା ଲାଗି ଉସ୍‌ନାକି ଦେଖାଦେଇଛେ । ଛଟ୍‌ପୂଜା ଲାଗି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ତର୍‌ଫୁ ଭିଲ୍ ଜୋର୍‌ଦାର୍ ତୟାରି ମୁଲ୍ ହେଇଛେ । ଘାଟ୍‌ମାନ୍‌କର୍ ସଫାସୁତର୍ କରାଯାଇକରି ସଜାଯାଇଛେ । ଛଟ୍‌ପୂଜାକେ ନେଇକରି ସହରେ ଚାଲିଥିବା ଉନ୍ନୟନ୍ କାମ୍‌ର ଗଲାକାଏଲ୍ ଏସ୍‌ଏମ୍‌ସି କମିଶନର୍ ରୋହନ୍ ଖତ୍ରୀ ସମୀକ୍ଷା କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ନ ହେଇଥିବା ଲଘୁଚାପ୍ ଅବପାତ୍‌ଥି ବଦ୍‌ଲିଛେ । ଆଏଜ୍ ଇଟା ଗଭୀର ଅବପାତ ଆଉ ଆଏବା କାଏଲ୍‌ତକ୍ ବାତ୍ୟାର୍ ରୂପ୍ ନେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ବାତ୍ୟା 'ମୋନ୍ଥା' ଆନ୍ଧ୍ରପ୍ରଦେଶ୍‌ର କାକିନାଡ଼ା ଠାନେ ଆଏବା ମଙ୍ଗଲ୍ ରାତିତକ୍ ଭୂଇଁ ଛୁଇଁବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ବାତ୍ୟା ଭୂଇଁକେ ଛୁଇଁଲା ବେଲେ ଘଂଟାକ ୯୦ ନୁ ଶହେ କିଲୋମିଟର୍ ବେଗଥି ପବନ୍ ବୁହିବା । ଇତାର୍ ପ୍ରଭାବ୍‌ଥି ଆଏବା ବୁଧବାର୍ ତକ୍ ରାଏଜେ ବର୍ଷା ଲାଗି ରହେବା । ଦକ୍ଷିଣ୍ ଆଉ ସମୁଦ୍ରଖଁଡ଼ି ଇଲାକା ନ ଅତିଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।